## ଲଗାତାର ୩ ଦିନ ଧରି ପଥର ଖାଦାନରେ ଚଢ଼ଉ

# ୮୧ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ

ସୋର,୨୪।୧ (ସମିସ)

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଜାମାହାଲ ପଥର ଖାଦାନରୁ ବେଆଇନ ପଥର ଚାଲାଣ ହେଉଥିବା ଖବର ପାଇ ସୋର ତହସିଲଦାର ଦୈତାରି ମଲ୍ଲିକ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ସକାଳ ଠାରୁ ରାତି ପର୍ଯ୍ୟନ୍ତ ପଥର ଖାଦାନରେ ଚଢ଼ଉ କରି ସରକାରଙ୍କ ରାଜସ୍ୱ ପାଣ୍ଠିକୁ ପାଖାପାଖି ୮୧ ଲକ୍ଷରୁ ଊର୍ଦ୍ଧ୍ୱ ରାଜସ୍ୱ ଦେବାରେ ସକ୍ଷମ ହୋଇଛନ୍ତି । ସୂଚନା ଅନୁସାରେ ସୋର ତହସିଲଦାର ଶ୍ରୀ ମଲ୍ଲିକ ୨୨ ତାରିଖରେ ଜବତ ପଥରକୁ ୧୨ ଲକ୍ଷ ୯୦ ହଜାର ଟଙ୍କାରେ ନିଲାମ କରିଥିବାବେଳେ ପୁଣି ୨୩ ତାରିଖରେ ୨୪ ଲକ୍ଷ ୧୧ ହଜାର ଟଙ୍କାରେ ନିଲାମ କରିଥିଲେ । ଆଜି ଶନିବାର ସକାଳେ କୌଣସି ସୂତ୍ରରୁ ଖବର ପାଇ ତହସିଲଦାର ଶ୍ରୀ ମଲ୍ଲିକ ଅଚାନକ ତିନୋଟି ବେଆଇନ ପଥର ଖାଦାନରେ ଚଢ଼ଉ କରି ୬୭୦୦ କ୍ୟୁବିକ ମିଟର ପଥରକୁ ୪୩ ଲକ୍ଷ ୯୭ ହଜାର ୫୨୦ ଟଙ୍କାରେ ନିଲାମ କରିଥିଲେ । ଏହିପରି ତିନି ଦିନରେ ମୋଟ ୮୧ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାରେ ପଥର ନିଲାମ କରି ସରକାରଙ୍କ ଖାତାକୁ ରାଜସ୍ୱ ଦେବାରେ ତହସିଲଦାର ସକ୍ଷମ ହୋଇଛନ୍ତି । ତହସିଲଦାରଙ୍କ ଏଭଳି କାର୍ଯ୍ୟ ପାଇଁ ପଥର ମାଫିଆଙ୍କ ମନରେ କୁକୁଆ ଭୟ ଖେଳି ଯାଇଛି ।

## ଗୋବର୍ଦ୍ଧନପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୋଗରାଇ, ୨୪।୧ (ସମିସ) : ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତରେ ଥିବା ଗୋବର୍ଦ୍ଧନ ପୁର ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱରପୁର ପଞ୍ଚାୟତର ସରପଞ୍ଚ ବିରୂପାକ୍ଷ ଜେନା, କହିଥିଲେ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା, ମୁଖ୍ୟ ବକ୍ତା ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ଶ୍ରୀନିବାସ ପ୍ରଧାନ, କହିଥିଲେ ମାଟି ପିଣ୍ଡୁଳାକୁ ଏକ ମୂର୍ତ୍ତି ତିଆରି କରିବାରେ ବିଦ୍ୟାଳୟ ସହଯୋଗ କରିଥାଏ । ସମ୍ମାନିତ ଅତିଥି ପ୍ରାକ୍ତନ ଶିକ୍ଷକ ଗୋବିନ୍ଦ ପରାମାଣିକ, ଶିକ୍ଷକ ରଞ୍ଜନ ପରାମାଣିକ,ଶ୍ରଦ୍ଧାପୁର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ କଲ୍ୟାଣ ପଣ୍ଡା, ଜଳେଶ୍ୱରପୁର ଉଚ୍ଚ ସରକାରୀ ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ସାହୁ, ପ୍ରଶାନ୍ତ ଦେ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣପ୍ରସାଦ ପଣ୍ଡା, ଶିକ୍ଷକ ମନୋରଞ୍ଜନ ପରାମାଣିକ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜନ କୁମାର ପରାମାଣିକ ଆହ୍ୱାନ କରିଥିଲେ । ପଣ୍ଡିତ ରାଜ ପଣ୍ଡା ବେଦ ପାଠ କରିଥିବା ବେଳେ ୱାର୍ଡସଭ୍ୟ ପ୍ରଶାନ୍ତ ଦେ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସପନା ରାଣୀ ଜେନା, ଶାନ୍ତି ବାଲା ଗିରି, ରବିନ୍ଦ୍ର ପାତ୍ର, ଜଗଦୀଶ ଘଡାଇ, ଉମେଶ ସେଠୀ, ଦମୟନ୍ତୀ ଦାସ ଅଧିକାରୀ, ସୁମିତ୍ରା ସେଠୀ, ସୁକାନ୍ତି ଦେ, ସଞ୍ଜିତା ଜେନା, ପରିଚାଳନାରେ ସହଯୋଗ କରିଥିଲେ ।

## କାଠ ବୋଝେଇ ଟ୍ରାକ୍ଟର ଜବତ, ୨ ଗିରଫ

ଚନ୍ଦନେଶ୍ୱର,୨୪।୧ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱର ବିଜୁ ପଟ୍ଟନାୟକ ଗୋଲେଇ ଠାରୁ ଆଜି ଶନିବାର ସକାଳେ ବାଲେଶ୍ୱର ଡ଼ିଏଫଓ ପ୍ରଫୁଲ୍ଲ ମଲ୍ଲିକ ଓ ଜଳେଶ୍ୱରଙ୍କ ନିର୍ଦ୍ଦେଶ କ୍ରମେ ଉଦୟପୁର ବନପାଳ ସଞ୍ଜୟ ମହାନ୍ତି ପଶ୍ଚିମବଙ୍ଗ ପଟୁ ଆସୁଥିବା ଆମ୍ବ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରିଛନ୍ତି । ଏଥିସହିତ ଟ୍ରାକ୍ଟରର ଚାଳକ ହସେନ ସେକ (୨୯ ) ଓ ଭୋଗରାଇ ରସଲପୁର ଗ୍ରାମର ତନ୍ମୟ ମହାନ୍ତି (୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଜବତ ହୋଇଥିବା କାଠର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ ବୋଲି ବନପାଳ ପ୍ରକାଶ କରିଛନ୍ତି ।

## ଶିଶୁ ସୁରକ୍ଷା ପାଇଁ ସାଇବର ସଚେତନତା କର୍ମଶାଳା

ବାଲେଶ୍ୱର,୨୪।୧(ସମିସ): ସମାଜରେ ଶିଶୁମାନଙ୍କ ପ୍ରତି ଯୌନ ଶୋଷଣ ରୋକିବା ଏବଂ କିଶୋରଙ୍କ ଯତ୍ନ ଓ ସୁରକ୍ଷା ବୃଦ୍ଧି ପାଇଁ ଏକ ସାଇବର ସଚେତନତା ଓ ଅନଲାଇନ ସୁରକ୍ଷା ବିଷୟରେ ବ୍ଲକ୍‌ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସଦର ବ୍ଲକ ଆଇସିଡିଏସ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ସାଇବର ଥାନା ଅଧିକାରୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀ ମାନେ ଏହି କର୍ମଶାଳରେ ଆଲୋଚନା କରିଥିଲେ । ସିଡିପିଓ ମଧୁସ୍ମିତା ମହାନ୍ତି ଓ ପ୍ରଭାବତୀ ନନ୍ଦ ଏହି କର୍ମଶାଳକୁ ପରିଚାଳନା କରିଥିବା ବେଳେ ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଓ କିଶୋରୀ ତଥା ବାଳିକମାନେ ଭାଗ ନେଇଥିଲେ ।

## ଛତ୍ରପୁର ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ପାଳନ ପ୍ରସ୍ତୁତି

ନୀଳଗିରି, ୨୪।୧ (ସମିସ): ନୀଳଗିରି ବ୍ଲକ୍ ବଣସୀମା ଅନ୍ତର୍ଗତ ଛତ୍ରପୁର ପଞ୍ଚାୟତର ଛତ୍ରପୁର ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତିବୈଠକ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସୁରେଶ ଶଙ୍ଖୁଆ, ନିଶିକାନ୍ତ ମହାପାତ୍ର, ଅମରେନ୍ଦ୍ର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ପ୍ରଧାନଶିକ୍ଷକ ଅଜୟ ପରିଡ଼ା ସଭାପତିତ୍ୱ କରିଥିଲେ । ଆଗାମୀଦିନରେ ଖୁବ ଧୁମଧାମରେ ପାଳନକରାଯିବାକୁ ସହମତି ପ୍ରକାଶ ପାଇଥିଲା ବେଳେ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ପୂର୍ବତନ ଶିକ୍ଷକ କୈଳାଶ ଚନ୍ଦ୍ର ମିଶ୍ର , କୁଳମଣି ମହାନ୍ତି, ସୁଧାରଞ୍ଜନ ଦାସ ଓ ବର୍ତ୍ତମାନର ଶିକ୍ଷକ ଗୋଲକଚନ୍ଦ୍ର ସିଂ, ଦୀପକ ଜେନା , ଭୋଳାନାଥ ସିଂ , ରଶ୍ମିତା ଦାସ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ ।

## ପଣ୍ଡରୁଙ୍ଗୀ ମାଁ ଭଗବତୀଙ୍କ ପ୍ରସିଦ୍ଧ ମକରମେଳା ଉଦ୍‌ଘାଟିତ

ବସ୍ତା ବ୍ଲକ, ୨୪।୧ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ମଥାନି ପଂଚାୟତ ପଣ୍ଡରୁଙ୍ଗୀ ଗାଁରେ ବିରାଜିତା ଉତ୍ତର ଓଡିଶାର ଅନ୍ୟତମ ଆରାଧ୍ୟା ଦେବୀ ମା ଭଗବତୀଙ୍କ ମକର ମେଳା ଶୁକ୍ରବାର ଶୁଭାରମ୍ଭ ହୋଇଛି । ଏହି ଅବସରରେ ପୁଣ୍ୟତୋୟା ଜଳକା ନଦୀ ସାନଖୁଡୀ ଘାଟରୁ ଘଟ ଉତ୍ତୋଳନ କରାଯାଇଥିଲା । ବିଶାଳ ଶୋଭାଯାତ୍ରାରେ ପାରମ୍ପରିକ ଆଦିବାସୀ ନୃତ୍ୟ, ମାଦଳ ଘଣ୍ଟ ଢୋଲ ମହୁରୀ ବାଜା ଡିଜେ ବ୍ୟାଣ୍ଡ ଶୋଭାଯାତ୍ରାରେ ଘଟ ମା'ଙ୍କ ପୀଠକୁ ଅଣାଯାଇଥିଲା ।

## ଟ୍ରକ ଧକ୍କାରେ ଡାକ କର୍ମଚାରୀ ଗୁରୁତର

ସୋର,୨୪।୧(ସମିସ): ସୋର ଅନନ୍ତପୁର ରାସ୍ତା ପାଖର ଛକ ନିକଟରେ ଏକ ଟ୍ରାନ୍ସଫରମର ବୋଝେଇ ଆଇଚର ଟ୍ରକ ଧକାରେ ଜଣେ ଡାକ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ ନୀଳଗିରି ଅଂଚଳର ଅନନ୍ତ ନାୟକ ଅନନ୍ତପୁର ଡାକଘର ଡାକ କର୍ମଚାରୀ ଭାବେ କାମ କରନ୍ତି । ଆଜି ଡାକ ନେଇ ସୋରରୁ ଅନନ୍ତପୁରକୁ ଆସୁଥିବା ବେଳେ ପାଖର ଛକ ନିକଟରେ ଟ୍ରାନ୍ସଫର୍ମର ବୋଝେଇ ଆଇଚର ଗାଡି ତାଙ୍କୁ ଧକ୍କାଦେଇ ସେଠାରୁ ଦ୍ରୁତଗତିରେ ଫେରାର ହୋଇଯାଇଥିଲା । ଅନନ୍ତଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଅନନ୍ତପୁର ଡ଼ାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଫେରାର ଟ୍ରକଟିକୁ ବାଳଙ୍ଗ ଛକ ନିକଟରେ ସ୍ଥାନୀୟ ଲୋକେ ଅଟକ ରଖି ପୁଲିସକୁ ଖବର ଦେଇଥିଲେ । ପ୍ରତିବାଦରେ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଖବର ପାଇ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ରାସ୍ତାଜାମ ହଟାଇଥିଲେ । ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଶ୍ୟାମ ସୁନ୍ଦର ସରକାରୀ ଏକାଡେମୀର ବାର୍ଷିକ ଉତ୍ସବ

ସୋର, ୨୪।୧(ସମିସ): ସୋର ସୋର ବ୍ଲକ ବାଳଙ୍ଗ ଗ୍ରାମପଞ୍ଚାୟତ ରେଓଦା ସ୍ଥିତ ଶ୍ୟାମସୁନ୍ଦର ସରକାରୀ ଏକାଡେମୀର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ହେମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା, ମୁଖ୍ୟବକ୍ତା ଭାବେ ୪୫ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଜୟରାମ ଦାସ, ସମ୍ମାନିତ ଅତିଥି ଭାବେ ସୋର ବ୍ଲକ ଅଧ୍ୟକ୍ଷା ଅନୁସୟା ମଲ୍ଲିକ, ଅନ୍ୟତମ ଅତିଥି ଭାବେ ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟର ଅଧ୍ୟାପକ ହରିହର ଦାସ, ପଞ୍ଚଶଖା ଶିକ୍ଷା ସେତୁ ସଙ୍ଗଠନର ଗୌତମ କର, ଅକ୍ଷୟ କୁମାର କର, ସିମୁଳିଆ କ୍ଲଷ୍ଟର ସି ଆର ସିସି କମଳାକାନ୍ତ ଶଙ୍ଖୁଆ ଯୋଗଦେଇ ନିଜନିଜ ବକ୍ତବ୍ୟ ରଖିଥିଲେ । ଶିକ୍ଷୟିତ୍ରୀ ଅର୍ଚ୍ଚନା ରାଉତ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷକ ସମୀର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୩୧ରେ ଜାତୀୟ ସମ୍ମେଳନ

ବାଲେଶ୍ୱର,୨୪।୧(ସମିସ): ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ପକ୍ଷରୁ ପ୍ରଥମ ଥର ପାଇଁ ବାଲେଶ୍ୱରରେ ଅନୁଷ୍ଠିତ ହେବକୁ ଯାଉଛି ଜାତୀୟ ସମ୍ମେଳନ । ଏହି ଐତିହାସିକ ସମ୍ମେଳନ ଆସନ୍ତା ଜାନୁଆରୀ ୩୧ ଏବଂ ଫେବୃଆରୀ ୧ରେ ନୋସି ବିଜନେସ ପାର୍କରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସ୍ଥାନୀୟ ଉଦ୍ୟୋଗ ଭବନ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## ପାଟରାଣୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିଆପାଳ, ୨୪।୧ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ତାହାଲିଆ ପାଟରାଣୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିନୋଦ ଜେନା ସଭାପତିତ୍ୱରେ ବାଲିଆପାଳ ଅତରିକ୍ତ ଶିକ୍ଷାଅଧିକାରିଣୀ ନମିତା ପ୍ରଭା ସାମଲ ମୁଖ୍ୟ ଅତିଥି ଏବଂ ନିଶାମଣି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ବେହେରା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ସିଆରସିସି ପତିତ୍ୱପାବନ ପ୍ରଧାନ, ତାହାଲିଆ ୟୁଜିୟୁପି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ରାଜ, ବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ଅମରେନ୍ଦ୍ର ତ୍ରିପାଠୀ ଏବଂ ଶିବପ୍ରସାଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ଶିଶିର ହାଜିରା ବାର୍ଷିକ ବିବରଣୀ ପାଠ ପଠନ କରିଥିଲେ ।

## ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠର ହୀରକ ଜୟନ୍ତୀ



ସୋର, ୨୪।୧(ସମିସ): ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ମଙ୍ଗଳପୁରସ୍ଥିତ ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା ହୀରକ ଜୟନ୍ତୀ କମିଟି ସଭାପତି ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଛାତ୍ରଛାତ୍ରୀ ପାଠ ମନସ୍କ ହେବା ସହିତ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସକାରାତ୍ମକ ଚିନ୍ତାଧାରା, ଦୃଢ଼ ଇଚ୍ଛାଶକ୍ତି, ସମୟାନୁବର୍ତ୍ତିତା, ଅଧ୍ୟବସାୟ ରହିଲେ ସଫଳତା ଆମ ପାଦସ୍ପର୍ଶ କରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବରେଣ୍ୟ ଅତିଥି ପ୍ରାକ୍ତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅନ୍ୟତମ ଅତିଥିଭାବେ ସୋର ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଲିକ, ସରପଞ୍ଚ ବନିତା ପଣ୍ଡା, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ପୁରାତନ ଛାତ୍ର ସଂସଦର ସଭାପତି ଶ୍ରୀଧର ସାହୁ, ସମ୍ପାଦକ ମୁରଲୀଧର ପାଢ଼ୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।ଏହି ଅବସରରେ ହୀରକ ଜୟନ୍ତୀ ମୁଖପତ୍ର ଆମ ପରିବାର ଅତିଥି ମାନଙ୍କ ଦ୍ୱାରା ଲୋକାର୍ପଣ କରିଥିଲେ ଏଥି ସହିତ ଦିବ୍ୟାଙ୍ଗ ନୃତ୍ୟଶିଳ୍ପୀ ପ୍ରଶାନ୍ତ ରାଉତ ଏବଂ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ସମାଜସେବୀ ଜୟନ୍ତ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ହୀରକ ଜୟନ୍ତୀ କମିଟି ସମ୍ପାଦକ ପ୍ରଶାନ୍ତ କୁମାର ମହନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାରମ୍ଭରେ ଜଗବନ୍ଧୁ ଦାସ ଏବଂ ତାପସୀରାଣୀ ଦାସ ଅତିଥିଙ୍କୁ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୁରାତନ ଛାତ୍ର ଶଙ୍କର୍ଷଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗରିବଙ୍କୁ ଶୀତବସ୍ତ୍ର ବାଣ୍ଟିଲେ ପୂର୍ବତନ ସାଂସଦ



ଭୋଗରାଇ, ୨୪।୧(ସମିସ) : ଭୋଗରାଇ ବ୍ଲକର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱରଠାରେ ଆଜି ବାଲେଶ୍ୱର ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଗରିବ ଓ ଅସହାୟ ଲୋକମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି । ଏଥି ସହିତ ଇଂ ଶ୍ରୀ ଜେନା ଉଭୟ ପୀଠରେ ପୂଜାର୍ଚ୍ଚନା କରିବା ସହିତ ଦେବ ଦେବ ମହାଦେବ ଙ୍କ ଠାରେ ଆଶୀର୍ବାଦ ଭିକ୍ଷା କରିଥିଲେ । ସେହିପରି ପରେ ଭୋଗରାଇର ଅନ୍ୟତମ ଶକ୍ତିପୀଠ ମା ବିଜୟା ବାସୁଳୀଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା କରିବା ସହିତ ବିଜେଡିର ପକ୍ଷରୁ ଆୟୋଜିତ ଏକ ବନ୍ଧୁ ମିଳନ ଉତ୍ସବରେ ଶ୍ରୀ ଜେନା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ଜିଲ୍ଲା ବିଜେଡି ଉପସଭାପତି ତପନ କୁମାର ପଣ୍ଡା, ଜିଲାପରିଷଦ ସଦସ୍ୟା ଦମୟନ୍ତୀ ସାହୁ, କବିତା ମାହାନ୍ତି,, ନିବେଦିତା ମହାନ୍ତି, ପ୍ରତିମା ଚାନ୍ଦ,ଜିଲାପରିଷଦ ସଦସ୍ୟ ଗିରିଶ ଦତ୍ତ, ବିଜେଡି ନେତା ଭବେନ୍ଦ୍ର ସାହୁ,ସମିତି ସଦସ୍ୟା, ସଦସ୍ୟ, ସରପଞ୍ଚଙ୍କ ସହିତ ସ୍ଥାନୀୟ ନେତା ଓ ଶୁଭେଚ୍ଛୁ ମାନେ ସାମିଲ ହୋଇଥିଲେ । ଶ୍ରୀ ଜେନା ଦଳୀୟ ନେତା କର୍ମୀ ଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

## ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ

ବାଲିଆପାଳ, ୨୪।୧ (ସମିସ): ବାଲିଆପାଳ ବ୍ଲକ ମଧୁପୁରା ପଂଚାୟତ ହାସିମପୁର ଗ୍ରାମର ଉଦୟନାରାୟଣ ଉଚ୍ଚ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଦାନ ଶିକ୍ଷକ ରାଜରୋଶନ ବାଗ୍ ଙ୍କ ସଭାପତିତ୍ୱ ମୁଖ୍ୟଅତିଥି ଭାବରେ ବାଲିଆପାଳ ଶିକ୍ଷାଅଧିକାରୀ ଜଗବନ୍ଧୁ ଜେନା ଯୋଗ ଦେଇ ବାଲେଶ୍ୱର ଜିଲା ଓଷ୍ଟା ସଂଘର ସଂପାଦକ ବିଜୟ କୁମାର ପାତ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଅନନ୍ତ କୁମାର ପଣ୍ଡା, ବିଶ୍ୱମ୍ଭର ପାତ୍ର, ସୁଶାନ୍ତ ସେଠୀ, ସମାଜସେବୀ ଲମ୍ବୋଦର ମାହାନ, ଉଚ୍ଚ ବିଦ୍ୟାଳୟର ସଭାପତି ମୁରଲୀମୋହନ ସାହୁ, ଉପ୍ରା ବିଦ୍ୟାଳୟ ସଭାପତି ଉମେଶ ସାହୁ, ସିମୁଳିଆ କ୍ଲଷ୍ଟର ସିଆରସିସି ଯଶୋବନ୍ତ ଜେନା, ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ପିତାମ୍ବର ସାହୁ ସଭାରେ ଅଭିଭାଷଣ ରଖିଥିଲେ । ବିଦ୍ୟାଳୟ ସହକାରୀ ଶିକ୍ଷକ ମନୋରଞ୍ଜନ ପ୍ରଧାନ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ବାର୍ଷିକ ବିବରଣୀ ପାଠ କରିଥିଲେ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷକ ଅସିତ କୁମାର ସାହୁ, ପରମାନନ୍ଦ ସାହୁ, ଅଜିତ ବାରିକ, ତନ୍ମୟ ସାମଲ, ବବିତାରାଣୀ ମହାପାତ୍ର, ବାସନ୍ତୀ ବେହେରା, ଦେବାଶିଷ ଜେନା, ଅକ୍ଷୟ ପଣ୍ଡା, ସ୍ୱାଗତିକା ସେଠୀ ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷକ ଧନଞ୍ଜୟ ଚରଣ ଦେ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଡାକ୍ତର ବିଷ୍ଣୁ ମହାପାତ୍ରଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି

ଖଇରା,୨୪।୧ (ସମିସ): ବାଲେଶ୍ୱର ଜିଲା ଖଇରା ଅଞ୍ଚଳରେ ଘରେ ଘରେ ପରିଚିତ ସୁନାମଧନ୍ୟ ଡାକ୍ତର ସ୍ୱର୍ଗତ ବିଷ୍ଣୁପଦ ମହାପାତ୍ରଙ୍କ ୭୮ ତମ ଜୟନ୍ତୀ ଆସନ୍ତା ୨ତାରିଖରେ ପଳସା ପଞ୍ଚାୟତ ଅଧୀନ ଅର୍ଜୁନପୁର ଗ୍ରାମରେ ପାଳିତ ହେବ । ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଶନିବାର ଦିନ କମିଟି ସଭାପତି ସନ୍ତୋଷ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅର୍ଜୁନପୁର ଗ୍ରାମରେ ପାଳିତ ହୋଇ ଯାଇଛି । ସମ୍ପାଦକ ଭରତ ଚନ୍ଦ୍ର ପଣ୍ଡା, ଜଗତାନନ୍ଦ ମହାପାତ୍ର, ଭଗବାନ ଦାସ, ମୁରଲୀ ବେହେରା, ରାମକୃଷ୍ଣ ମହାପାତ୍ର, ବସନ୍ତ ମାଝୀ, ଅଜୟ ଦାସ, ରାଧାରଣୀ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ନିଲମ୍ବନ ଚିଠି ଭାଇରାଲକୁ ନେଇ ବର୍ଷିଲେ ଜିଲ୍ଲା ବିଜେଡି ସଭାପତି

ଖଇରା,୨୪।୧ (ସମିସ): ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ସିମୁଳିଆର ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ବିଜୁ ଜନତା ଦଳ ନିଲମ୍ବିତ କରିଥିବା ନେଇ ଦଳ ପ୍ୟାଡରେ ଏକ ଲିଖିତ ନିର୍ଦ୍ଦେଶ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହାକୁ ନେଇ ଖଇରା ସମୁଳିଆ ତଥା ଜିଲ୍ଲା ରାଜନୀତି ସରଗରମ ହୋଇ ପଡିଛି । ଜ୍ୟୋତି ପାଣିଗ୍ରାହୀଙ୍କ ବିରୋଧୀ ଏହାକୁ ସାମାଜିକ ଗଣମାଧ୍ୟମରେ ବାରମ୍ବାର ପୋଷ୍ଟ କରିଚାଲିଥିବା ବେଳେ ଖୋଦ ପାଣିଗ୍ରାହୀ ସାମ୍ବାଦିକଙ୍କ ସମ୍ମୁଖରେ ଏଭଳି ଅର୍ଡରକୁ ଜାଲି ବୋଲି କହିଛନ୍ତି । ବିଜେଡି ସଭାପତିଙ୍କୁ ଫୋନରେ ଯୋଗାଯୋଗ କରିବାରେ ତାଙ୍କୁ ଏବଂ ତାଙ୍କ ଦଳକୁ ବଦନାମ କରିବାକୁ ବିରୋଧୀଙ୍କର ଏହା ଷଡଯନ୍ତ୍ର । ସେମାନଙ୍କର ଏଭଳି ହିନ ଚକ୍ରାନ୍ତ ଫଳବତୀ ହେବ ନାହିଁ । ଖଇରା ଓ ସିମୁଳିଆବାସୀ ଅତ୍ୟନ୍ତ ଶାନ୍ତସ୍ୱଭାବର ମଣିଷ । କିଛି ଲୋକ ଜାଣିଶୁଣି ଏଭଳି ବିଭ୍ରାନ୍ତିକର ମେସେଜ ଗଣମାଧ୍ୟମରେ ଛାଡି ପରିବେଶକୁ ଅଶାନ୍ତ କରୁଛନ୍ତି । ତାଙ୍କ ପରିବାର ପ୍ରତି ଏବଂ ତାଙ୍କପ୍ରତି ଖଇରା ସିମୁଳିଆବାସୀଙ୍କ ଭଲ ପାଇବା ରହିଛି । ଆଗାମୀ ଦିନରେ ଏହାର ପ୍ରମାଣ ମଧ୍ୟ ଖଇରା ସମୁଳିଆବାସୀ ଦେବେ ବୋଲି ସେ କହିଛନ୍ତି ।

## ଚାଣକ୍ୟ ଏକାଡେମୀର ବାର୍ଷିକ ଉତ୍ସବ



ସୋର, ୨୪।୧ (ସମିସ): ସୋର-କୁପାରୀ ରାସ୍ତା ସରଶଙ୍ଖ ନିକଟରେ ଅବସ୍ଥିତ ଚାଣକ୍ୟ ଏକାଡ଼େମୀର ବର୍ଷିକ ଉତ୍ସବ ଅନୁଷ୍ଠାର ଅଧ୍ୟକ୍ଷ ଶକ୍ତିକାନ୍ତ ମିଶ୍ରଙ୍କର ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ବିଷ୍ଣୁ ମୋହନ ପଣ୍ଡା, ମୁଖ୍ୟବକ୍ତା ଭାବେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ମହାନ୍ତି ତାଙ୍କ ଭାଷଣରେ ଶୃଙ୍ଖଳିତ ଜ୍ଞାନ ଅର୍ଜନ କରିବା ସହିତ ଭଲ ମଣିଷ ହେବା ଜରୁରୀ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଔପଦା କଲେଜ ଅଧ୍ୟକ୍ଷ ଡ. ବ୍ରଜ ସୁନ୍ଦର ପାଲ ଏବଂ ବଂଶୀଧର ମହାନ୍ତି ଯୋଗ ଦେଇ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ଅଧ୍ୟାପିକା ସୌମ୍ୟା ଐଶ୍ୱର୍ଯ୍ୟା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ଅଧ୍ୟାପକ ଦୟାନିଧି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସରୋଜ କୁମାର ବାରିକ, ପଞ୍ଚାନନ ରାଉତ ଓ ମଂଜୁଲତା ମହାନ୍ତି ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

## କମାରଗଡ଼ିଆ ମକର ମେଳାର ଦଶମ ସନ୍ଧ୍ୟା



ରାଜଘାଟ, ୨୪।୧ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପୁଟୁରା ପଞ୍ଚାୟତ ଅନ୍ତର୍ଗତ କମାରଗଡିଆ ସାର୍ବଜନୀନ ମକର ମେଳାର ଦଶମ ସଂଧ୍ୟାରେ ପୂର୍ବତନ ଗ୍ରାମର ମୁଖିଆ ହରିହର ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ମା' ଭଗବତୀଙ୍କ ଠାରେ ଭୋଗ ଲଗାଇବା ସହିତ ଏହି ଗ୍ରାମରେ ମେଳା ହେବା ଦ୍ୱାରା ଦେଶର ବିକାଶ ହେବା ସଙ୍ଗେ ସଙ୍ଗେ ସମ୍ପର୍କ ସ୍ଥାପନ କରେ ଏବଂ ଭାଇଚାରା ସୃଷ୍ଟି କରେ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବରେ ପୂର୍ବତନ ସମିତିସଭ୍ୟ ଭଜହରି ପରିଡ଼ା ଯୋଗଦେଇ ସମସ୍ତଙ୍କ ସହଯୋଗ ବଳରେ ଅସାଧ୍ୟ କାର୍ଯ୍ୟ ସହଜରେ କରାଯାଇ ପାରିବ ବୋଲି କହିଥିଲେ, ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଦର୍ଶନ ଜେନା, ଉଜ୍ଜ୍ୱଳ କୁମାର ଗିରି, ଗ୍ରାମର ମୁଖିଆ ଅଜୟ କୁମାର ଶାସମଲ, ମନ୍ଦିର କମିଟିର ସଭାପତିରମେଶ ଚନ୍ଦ୍ର ସାହୁ, ସୁଦାମ ଚରଣ ଦାସ, ଅମୂଲ୍ୟ କୁମାର ଶାସମଲ, ଶିକ୍ଷକ ଭଗୀରଥ ପ୍ରଧାନ, ଗୌରାଙ୍ଗ ଖମାରୀ, ବେଣୁଧର ବେହେରା, ସୁବଳ କୁମାର ଜେନା, ବୈକୁଣ୍ଠ ନାଥ ଜେନା,ନାରାୟଣ ଦାସ, ପ୍ରହଲ୍ଲାଦ ବେହେରା, ପ୍ରାଣ କିଶୋର ସାହୁ, ପ୍ରଳୟ ଶାସମଲ ପ୍ରମୁଖ ଉପସ୍ଥିତ ହୋଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଜୟରାମପୁର ନେତାଜୀ ଗ୍ରାମୀଣ ଉତ୍ସବ ଉଦ୍‌ଘାଟିତ

ଭୋଗରାଇ, ୨୪।୧ (ସମିସ)



ଭୋଗରାଇ ବ୍ଲକର ଐତିହ୍ୟ ସମ୍ପନ୍ନ ଜୟରାମପୁର ପଞ୍ଚାୟତସ୍ଥିତ ନେତାଜୀ ପଡ଼ିଆରେ ନେତାଜୀ ଗ୍ରାମୀଣ ଉତ୍ସବ ଉଦଘାଟିତ ହୋଇଛି । ସକାଳେ ସିନ୍ଦୂର ମୁଣ୍ଡି ଠାକୁରାଣୀଙ୍କ ମଣ୍ଡପ ଠାରୁ ମଶାଲ ଶୋଭାଯାତ୍ରା, ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଜାତୀୟ ପତାକା ଉତ୍ତୋଳନ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ସଭାକୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥଲେ । ଉତ୍ସବ କମିଟିର ସଭାପତି ସୁନୀଲ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ସମାଜସେବୀ ସୁଦର୍ଶନ ଜେନା, ସମ୍ମାନିତ ଅତିଥି ଭାବେ ଉତ୍ସବ କମିଟିର ମୁଖ୍ୟ ପରିଚାଳକ ବିପିନ କୁମାର ଦେହୁରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସେହିପରି ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନାଥ ଘୋଷ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କମଳ ଲୋଚନ ବିଶ୍?ାଳ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବଂଶୀଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ଦାସ, ସୁକୁମାର ଭୂୟାଁ ପ୍ରମୁଖ ଜୟରାମପୁରରେ ଥିବା ଆହୁତିକୁଣ୍ଡ, ସୁନା ଦେଇ, ରୂପାଦେଇ ପଖୋରୀର କିମ୍ବଦନ୍ତୀ ଓ ଐତିହ୍ୟ, ପରମ୍ପରା ସଂପର୍କରେ ବକ୍ତବ୍ୟ ରଖିଥିଲେ । ଉତ୍ସବ କମିଟିର ସମ୍ପାଦକ ହରିନାରାୟଣ ଜେନା ମଞ୍ଚ ଆହ୍ୱାନ, ଅଶୋକ କୁମାର ସାମଲ ଅତିଥି ପରିଚୟ ପ୍ରଦାନ ଓ ହରେକୃଷ୍ଣ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ କମିଟିର କୋଷାଧ୍ୟକ୍ଷ ସ୍ନେହାସିଷ ପ୍ରଧାନ, ସଞ୍ଜୀବ କୁମାର ଦାସ, ଦୁର୍ଗା ଶଙ୍କର ସାମଲ, ସୁଭାଶିଶ ପ୍ରଧାନ, ହରିପଦ ମିଶ୍ର, କାହ୍ନୁ ଚରଣ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

